ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# PRERANA

ଏତଦ୍ଦ୍ୱାରା ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୧୯-୨୦ ବର୍ଷ ନିମନ୍ତେ ନୂତନ ଭାବେ ମାଟ୍ରିକପର ଉଚ୍ଚଶିକ୍ଷା ନିମନ୍ତେ ନାମଲେଖାଇ ଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଏବଂ ଆର୍ଥିକ ସହାୟତା ଯୋଜନାରେ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନ କରୁଥିବା କେବଳ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ online ଦରଖାସ୍ତ ପଞ୍ଜୀକରଣ କରିବା/ ଯାଞ୍ଚ/ ମଞ୍ଜୁରୀ ଇତ୍ୟାଦି ନିମ୍ନରେ ପ୍ରଦତ୍ତ ତାରିଖ ଅନୁଯାୟୀ ପ୍ରେରଣା ଇ-ସ୍କଲାରଶିପ ପୋର୍ଟାଲ ମାଧ୍ୟମରେ ସଂପୂର୍ଣ୍ଣ କରାଯିବ ।

(i) ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା

(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ର ରେ ଅନଗ୍ରସର ବର୍ଗ ର ଛାତ୍ରଛାତ୍ରୀମାନେ କ୍ଷେତ୍ରରେ ଓଡିଶାର ସ୍ଥାୟୀ ଅଧିବାସୀ ହୋଇଥିବେ

(ଖ) ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

(ଗ) ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

(ଘ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୫୦,୦୦୦/- (ଦେଢ ଲକ୍ଷ) ରୁ ଅଧିକ ହୋଇନଥିବ ଏବଂ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

(ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ (କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ= ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗଙ୍କୁ ବାଦ ଦେଇ) କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୦୦,୦୦୦/- (ଏକ ଲକ୍ଷ) ରୁ ଅଧିକ ହୋଇନଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

(ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ର ରେ ଅନଗ୍ରସର ବର୍ଗଛାତ୍ରଛାତ୍ରୀଙ୍କୁ ବାଦ ଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

ପ୍ରେରଣାରେ ଅନଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ ନିର୍ଦ୍ଦେଶନାମା website: mpsc.mp.nic.in/scholarships ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

ଦରଖାସ୍ତ ପଞ୍ଜୀକରଣ/ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ | କାର୍ଯ୍ୟ କ୍ରମ | ରାଜ୍ୟ ରେ ପଢୁଥିବା ଛାତ୍ରଛାତ୍ରୀ | ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ |
|---|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପ୍ରେରଣା ପୋର୍ଟାଲର ଖୋଲିବା ତାରିଖ | ୦୪.୦୯.୨୦୧୯ | ୦୪.୦୯.୨୦୧୯ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୧.୧୦.୨୦୧୯ | ୩୧.୧୦.୨୦୧୯ |
| ୩ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରେରଣା ପୋର୍ଟାଲରେ ଆବେଦନ ଦରଖାସ୍ତର ନକଲରେ ସ୍ୱାକ୍ଷର କରାଯାଇ ସମସ୍ତ ଦରକାରୀ ପ୍ରମାଣପତ୍ର ସହ ଅନୁଷ୍ଠାନରେ ଦାଖଲ କରିବାର ଶେଷ ତାରିଖ | ୧୫.୧୧.୨୦୧୯ | ୩୦.୧୧.୨୦୧୯ |
| ୪ | ଦରଖାସ୍ତଗୁଡ଼ିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୧୯ | ୩୦.୧୨.୨୦୧୯ |
| ୫ | ଅନୁଷ୍ଠାନମାନଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର hard copy ସମ୍ପୃକ୍ତ ଜିଲ୍ଲା ଅଧିକାରୀମାନଙ୍କୁ ପଠାଇବାର ଶେଷ ତାରିଖ | ୩୦.**୧୨**.୨୦୧୯ | ୧୫.୧୨.୨୦୧୯ |
| ୬ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୧୨.୨୦୧୯ | ୧୦.୦୧.୨୦୨୦ |

*ବିଶେଷଦ୍ରଷ୍ଟବ୍ୟ:- (i) ଚଳିତ ବର୍ଷରୁ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିତ୍ୟାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ box ରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ । ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବର ଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ* ***(Ref:Dept Notification No:10744 dt26.06.2019)***

*(ii) ଆବେଦନକାରୀ ମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର,IFSC Code, ଶାଖା ନାମ ଇତ୍ୟାଦି ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉକ୍ତ ଦାୟୀ ରହିବେ ।*

### ଜରୁରୀ ସୂଚନା (ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ):

ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ଯେ ସେମାନେ ଅନଲାଇନ ପ୍ରେରଣା ପୋର୍ଟାଲ ରେ ଦିଆଯାଇଥିବା **"OUTSIDE STATE APPLICATION"** tab ରେ ଆଧାର ନମ୍ବର ଦେଇ ନିଜକୁ ପଞ୍ଜୀକୃତ କରିବେ। ଦରଖାସ୍ତ ପଞ୍ଜିକରଣ ସମୟରେ ନିଜର ଚାଲୁଥିବା ମୋବାଇଲ ନମ୍ବର ପ୍ରଦାନ କରିବେ। ପ୍ରଦତ୍ତ ମୋବାଇଲରେ ଯାଇଥିବା Unique User ID and Password ରେ **login** କରି ମଗାଯାଇଥିବା ସୂଚନା ଦେଇ Final Locking କରିବେ। ତାପରେ ଦରଖାସ୍ତର ନକଲରେ ସ୍ୱାକ୍ଷରକରି ସମସ୍ତ ଦରକାରୀ ପ୍ରମାଣପତ୍ର ସହ ସମ୍ପୃକ୍ତ ଅନୁଷ୍ଠାନ ଜରିଆରେ ନିଜର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଫିସ ଏଡ୍ରେସ କୁ ଉପୋରକ୍ତ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପୋଷ୍ଟ କରିବେ।

### ରାଜ୍ୟରେ ଏବଂ ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନେ ପଞ୍ଜୀକରଣ/ନବୀକରଣ କରିବା ସମୟରେ ନିମ୍ନଲିଖିତ ନିର୍ଦ୍ଦେଶବଳୀ ଅନୁସରଣ କରିବେ:

** ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କି ସେମାନେ ପ୍ରେରଣା **Home Page** ରେ **"Bank Accounts related advisory"** ଏବଂ **"Important Notice"** ସୂଚନାକୁ ଭଲଭାବେ ପଢି ଦରଖାସ୍ତ ପଞ୍ଜିକରଣ କରିବେ।

**ଆବେଦନକାରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କୁ ଅନୁରୋଧ, ସେମାନେ ସ୍ୱୀକୃତ ଦରଖାସ୍ତ ନକଲ ପଠାଇବାର ଶେଷ ତାରିଖ କୁ ଅପେକ୍ଷା ନ କରି ପଞ୍ଜୀକରଣ ଓ ଦରଖାସ୍ତ ଗ୍ରହଣର ୭ ଦିନ ମଧ୍ୟ ରେ ଯଥାକ୍ରମେ ନିଜର ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ **hardcopy** ଦାଖଲ କରିବେ।

**ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବ ବର୍ଷ ପଞ୍ଜୀକରଣ କରିବାକୁ ଅସମର୍ଥ ଥିଲେ, ସେମାନେ ଏଇ ବର୍ଷ ସେହି ବର୍ଷ ମାନଙ୍କ ପାଇଁ ନୂତନ ରୂପେ ପଞ୍ଜୀକରଣ କରିପାରିବେ।

** **PRERANA Portal** ରେ **upload** କରାଯାଇଥିବା ବାର୍ଷିକ ଆୟ ପ୍ରମାଣପତ୍ରରେ ଦର୍ଶା ଯାଇଥିବା ସଠିକ ଆୟର ପରିମାଣ ଆବେଦନ କରିବା ସମୟରେ ପ୍ରଦାନ କରିବାକୁ ହେବ । ଯଦି ଶିକ୍ଷାନୁଷ୍ଠାନ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରିବା ସମୟରେ ଯଦି ଏହି ଆୟର ପରିମାଣ **upload** କରାଯାଇଥିବା ଆୟ ପ୍ରମାଣପତ୍ର ସହ ତାଳମେଳ ନ ରହେ ତେବେ ଛାତ୍ର/ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ହେବେ ।

** ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **PRERANA User ID** ଓ **Password**କୁ ଗୁପ୍ତ ରଖିବେ । ଅନ୍ୟ କାହାରିକୁ ଏହି ଗୁପ୍ତ ତଥ୍ୟ ପ୍ରଘଟ ଦ୍ୱାରା ଯଦି ଛାତ୍ରବୃତ୍ତି ଟଙ୍କା ଅନ୍ୟ କାହାରିକୁ ପ୍ରଦାନ କରାଯାଏ କିମ୍ବା ଛାତ୍ର/ ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏଥିପାଇଁ ସେମାନେ ସଂପୂର୍ଣ୍ଣ ଦାୟୀ ରହିବେ ।

ଛାତ୍ରଛାତ୍ରୀମାନେ **online** ନୂତନ ଦରଖାସ୍ତ ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା **e-Mail ID– prerana.grievance@gmail.com** ରେ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି